ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

News ID-IPR/AgFE (Od)/1231/10-11-2023

# ଅନ୍ତର୍ଜାତୀୟ ପୁଷ୍ଟିଶସ୍ୟ ସମ୍ମିଳନୀରେ ରନ୍ଧନ ପ୍ରତିଯୋଗିତା

## ଭାଗନେଲେ ଛାତ୍ରଛାତ୍ରୀ ଓ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା

ଭୁବନେଶ୍ୱର, ୧୦/୧୧/୨୦୨୩

କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପକ୍ଷରୁ ଭୁବନେଶ୍ୱରରେ ଆୟୋଜିତ ଅନ୍ତର୍ଜାତୀୟ ପୁଷ୍ଟିଶସ୍ୟ ସମ୍ମିଳନୀର ଆଜି ଦ୍ୱିତୀୟ ଦିବସରେ ଆୟୋଜିତ ହୋଇଥିଲା ରନ୍ଧନ ପ୍ରତିଯୋଗିତା । ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ ଓ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକର ସଦସ୍ୟାବୃନ୍ଦ ପ୍ରତିଯୋଗିତାରେ ସାମିଲ ହୋଇଥିଲେ । ବିଭିନ୍ନ ସ୍ଥାନରୁ ଆସିଥିବା ରନ୍ଧନପ୍ରେମୀ ଓ ଉତ୍ସାହୀ ଖାଦ୍ୟ ପ୍ରସ୍ତୁତକର୍ତ୍ତାମାନେ ମଧ୍ୟ ଉପସ୍ଥିତ ଥିଲେ ।

ସେଫ ମାଇକେଲ, ସେଫ୍ ଗୌରବ, ଆଇଆଇଏମ୍‌ର ବୈଜ୍ଞାନିକ ଡ. ସଙ୍ଗାପା, ହୋଟେଲ ମେ ଫେୟାରର ଅଧକ୍ଷ ସୂର୍ଯ୍ୟ ସାହୁ, ତାଜ ବିଭାନ୍ତର ମୁଖ୍ୟ ସେଫ ସାୟନ୍ତନ ଚକ୍ରବର୍ତ୍ତୀ, ପୁରୀ ହଲିଡେର ରାଜକିଶୋର ପାତ୍ର ଓ କଳିଙ୍ଗ ଷ୍ଟୋରିଜ୍‌ର ପ୍ରତିଷ୍ଠାତା ମଧୁଲିକା ଦାସ ବିଚାରକ ଭାବେ ଯୋଗଦେଇଥିଲେ । ଏହି ଅବସରରେ ପୁଷ୍ଟିଶସ୍ୟ ଆଧାରିତ ବ୍ୟଞ୍ଜନ ଓ ଖାଦ୍ୟସାମଗ୍ରୀ ସଂପର୍କିତ ଏକ ଇ-ବୁକ୍‌ଲେଟ୍ ମଧ୍ୟ ଲୋକାର୍ପିତ ହୋଇଥିଲା ।

ରନ୍ଧନ ପ୍ରତିଯୋଗିତାରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ସୌଭାଗ୍ୟ ବାରିକ, ଜୟଶ୍ରୀ କାଉର ଓ ଅମ୍ବିକା ନନ୍ଦ ଯଥାକ୍ରମ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବାବେଳେ ଅଂଶଗ୍ରହଣକାରୀ ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାମାନଙ୍କ ମଧ୍ୟରେ ବିନୋଦିନୀ ପ୍ରଧାନ ପ୍ରଥମ, ସବିତା ରାଉତ ଦ୍ୱିତୀୟ ଓ ଦେବଯାନୀ ଦାସ ତୃତୀୟ ସ୍ଥାନ ଅଧିକାର କରିଥିଲେ ।

ପ୍ରତିଯୋଗିତା ଶେଷରେ କୃଷକ ଓ ଖାଦ୍ୟ ଉତ୍ପାଦନ ବିଭାଗର ଅତିରିକ୍ତ ଶାସନ ସଚିବ ଅଞ୍ଜନା ପ୍ରଧାନ ବିଜୟୀ ପ୍ରତିଯୋଗୀମାନଙ୍କୁ ପଚରସ୍କାର ପ୍ରଦାନ କରିଥିଲେ ଓ ବିଭାଗର ଅତିରିକ୍ତ ନିର୍ଦ୍ଦେଶକ ସୋନାଲି ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

ସୂର୍ଯ୍ୟ ମିଶ୍ର
ସୂଚନା ଅଧିକାରୀ